# Akashvani, Sambalpur

# SAMBALPURI NEWS BULLETIN

## 25 February 2025- 6.47- 6.52 am.

**********************************************

କାଶୀ- ତାମିଲ୍ ସଙ୍ଗମ୍- ମୁଖ୍ୟମନ୍ତ୍ରୀ CMO

କାଶୀ- ତାମିଲ୍ ସଙ୍ଗମ୍ ଦେଶର୍ ସାଂସ୍କୃତିକ୍ ଐତିହ୍ୟ ଆର୍ ଏକତାର୍ ଅନନ୍ୟ ନିଦର୍ଶନ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଉତର୍‌ପ୍ରଦେଶ୍ ଗସ୍ତ ନ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଲାକାଏଲ୍ ବାରାଣାସୀ ର ନମୋ ଘାଟ୍ ଠାନେ ସେନର୍ ତାମିଲ୍ ସମ୍ପ୍ରଦାୟର୍ ଲୁକ୍‌କର୍ ସାଙ୍ଗେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ବିଚାର୍ ବିନିମୟ କରିକରି ଆମର୍ ସାଂସ୍କୃତିକ୍ ଏକତା ଭାରତ୍‌କେ ବାକି ସବୁ ଦେଶ୍‌ମାନ୍‌କର୍‌ନୁ ଅଲଗ୍ କରିଛେ ବଲି କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଅଯୋଧ୍ୟା ନ ରାମ୍‌ଲାଲା ଆର୍ କାଶୀ ଠାନେ କାଶୀ ବିଶ୍ୱନାଥଙ୍କର୍ ଦର୍ଶନ୍ କରିଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଭାରତ୍‌ର ସାଂସ୍କୃତିକ୍ ଏକତାକେ ବର୍‌କସ୍ କର୍‌ବାର୍ ଲାଗି ୨୦୨୨ ସାଲେ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କାଶୀ ତାମିଲ୍ ସଂଗମ୍ କାର୍ଯ୍ୟକ୍ରମ୍ ମୁଲ୍ କରିଥିଲେ ।

କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ    I&PR

ଓଡ଼ିଶାର୍ ସମୃଦ୍ଧ ସାଂସ୍କୃତିକ୍ ଐତିହ୍ୟ ସାରା ଦୁନିଆର୍ ଆଗାଡ଼େ ନିଜର୍ ଗୁଟେ ଖାସ୍ ପରିଚୟ ବନେଇପାରିଛେ ବଲି କେନ୍ଦ୍ର ପର୍ଯ୍ୟଟନ୍ ଆଉ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ । ଓଡ଼ିଶା ପର୍ଯ୍ୟଟନ୍ ବିଭାଗ୍ ଆର୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡିଷ୍ଟ୍ରିଜ୍- ଫିକି ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଲ୍ ହେଇଥିବା ୬ ନମ୍ବର୍ ଓଡ଼ିଶା ଟ୍ରାଭେଲ୍ ବଜାର୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ଶେଖାୱତ୍ ଓଡ଼ିଶାର୍ ଖାସିୟତ୍ ଉପ୍‌ରେ କହେବାର୍ ସହେତେ ଦେଶର୍ ମୋଟ୍ ଘରୋଇ ଉତ୍ପାଦ- ଜିଡ଼ିପିକେ ପର୍ଯ୍ୟଟନ୍ କ୍ଷେତ୍ରର୍ ଯୋଗ୍‌ଦାନ୍ ୧୦ ପ୍ରତିଶତ୍‌ତକ୍ ବଢ଼ାବା ବଲି କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ପର୍ଯ୍ୟଟନ୍ କ୍ଷେତ୍ରଥି ଘରୋଇ ଭାଗିଦାରୀ ଉପ୍‌ରେ ଗୁରୁତ୍ୱ ଦେଇକରି ସାରା ପୁର୍‌ଥି ଓଡ଼ିଶାର୍

ସମ୍ଭାବନାକେ ଦେଖ୍‌ବା ବଲି କହିଥିଲେ । ଓଡ଼ିଶା ଗସ୍ତ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶେଖାଓ୍ୱତ୍ ଗଲାକାଏଲ୍ କୋଣାର୍କ ସୂର୍ଯ୍ୟମନ୍ଦିର୍‌କେ ଯାଇକରି ସେନର୍ ବାଏଲ୍‌କଢ଼ା କାମ୍‌ର ସମୀକ୍ଷା କରିଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ସମ୍ବଲ୍‌ପୁର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ସମ୍ବଲ୍‌ପୁର୍ ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ନିଜର୍ ସଂସଦୀୟ କ୍ଷେତ୍ର ସମ୍ବଲ୍‌ପୁର୍ ମହାନଗର୍ ଇଲାକା ନ ସ୍ୱଚ୍ଛତା ଅଭିଯାନ୍ 'ଜନଭାଗିଦାରୀ ଦ୍ୱାରା ସ୍ୱଚ୍ଛତା' କାର୍ଯ୍ୟକ୍ରମ୍ ଶୁଭାରମ୍ଭ କର୍‌ବାର୍ ସହେତେ ଗୁରୁ ସତ୍ୟନାରାୟଣ୍ ବହିଦାର୍‌ଙ୍କର୍ ସମ୍ବଲ୍‌ପୁରୀ ଡେରାକେ ବୁଲି ଯାଇଥିଲେ । ତାର୍‌ଉତ୍‌ରୁ ସିଦ୍ଧେଶ୍ୱର୍ ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର୍ ନ କମ୍ପ୍ୟୁଟର୍ ଲେବ୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଜିଲ୍ଲା ସାମ୍ବାଦିକ୍ ସଂଘର୍ ନୂଆଁ ଭବନ୍ ଉଦ୍‌ଘାଟନ୍ କରିଥିଲେ । ସେନ୍ତା ତପସ୍ୱିନୀ ପ୍ରେକ୍ଷାଳୟ ନ ମିଶନ୍ ବାତ୍ସଲ୍ୟ ଯୋଜ୍‌ନାଥି ଛୁଆମାନ୍‌କୁ ସାହାଜ୍ ବାଂଟିଥିଲେ । ସେଆଡ଼େ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ସାହାଜ୍ ଟଙ୍କା ବଂଟା କାର୍ଯ୍ୟକ୍ରମ୍‌ଥି ଭିଲ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେଇକରି ସବ୍‌କା ସାଥ୍ ସବ୍‌କା ବିକାଶ୍ ମନ୍ତ୍ରକେ ମୂଳମନ୍ତ୍ର କରିକରି ସରକାର୍ ସମ୍ବଲ୍‌ପୁର୍ ଜିଲ୍ଲାକେ କୃଷି ଆର୍ ଗ୍ରାମ୍ୟ ଆଧାରିତ୍ ଅର୍ଥନୀତିର୍ କେନ୍ଦ୍ରସ୍ଥଳ୍ କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି କହିଛନ୍ ।

ରେଲ୍‌ମନ୍ତ୍ରୀ-ନିବେଶକ୍ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରେଲ୍ 'ନେଟ୍ ଜିରୋ କାର୍ବନ୍' ଦିଗ୍‌କେ ଯାଉଛେ ଆଉ ଇ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ୨୦୨୫-୨୬ ଆର୍ଥିକ୍ ବଛର୍‌ତକ୍ ରେଲ୍‌ବାଇକେ ଶହେ ପ୍ରତିଶତ୍ ବିଦ୍ୟୁତିକରଣ୍ କରାଯିବା ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ମଧ୍ୟପ୍ରଦେଶ୍‌ର ଭୋପାଲ୍ ଠାନେ ଗଲାକାଏଲ୍ ମୁଲ୍ ହେଇଥିବା ବିଶ୍ୱ ନିବେଶକ୍ ସମ୍ମିଳନୀ ୨୦୨୫ ଥି ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଯୋଗ୍ ଦେଇକରି ଶ୍ରୀ ବୈଷ୍ଣବ୍ କହିଛନ୍, ୧୫ ଶହ ମେଗାୱାଟ୍ ଶକ୍ତି ଲାଗି ରେଲ୍ ମନ୍ତ୍ରଣାଳୟ ଭିନ୍ ଭିନ୍ ଅକ୍ଷୟଶକ୍ତି କେନ୍ଦ୍ରମାନ୍‌କର୍ ସାଙ୍ଗେ ଅନୁବନ୍ଧିତ୍ ହେଇଛେ । ଯେତ୍‌କି ହେଇପାର୍‌ବା ରାଜ୍ୟମାନେ ରେଲ୍‌ବାଇକେ ଅକ୍ଷୟଶକ୍ତି ଆଉ ଆଣବିକ ଶକ୍ତି ଯୁଗେଇ ଦଉନ୍ ବଲି ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଇ ଅବ୍‌ସରେ ଆହ୍ୱାନ୍ ଦେଇଛନ୍ ।

ଶୀତ୍‌କାଲୀନ୍ ଦୁଃସାହସିକ ଶିବିର-ମନାଲି I&PR

ହିମାଚଲ୍ ପ୍ରଦେଶ୍‌ର ମନାଲି ଠାନେ ହେବାର୍‌କେ ଥିବା ଶୀତକାଲୀନ୍ ଦୁଃସାହସିକ୍ ଶିବିର୍‌ଥି ଯୋଗ୍ ଦେବାର୍‌କେ ଓଡ଼ିଶାନୁ ଶହେ ଝନ୍ ଛାତ୍ରଛାତ୍ରୀ ଯାଇଛନ୍ । ମନାଲି ଯାତ୍ରା ଆଘୋନୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ କଥାବାର୍ତା କରିକରି ସେମାନ୍‌କର୍ ଶୁଭେଚ୍ଛା ଜନେଇଥିଲେ ।

ଉଡ଼ାନ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଡ଼ାନ୍ ଯୋଜ୍‌ନାଥି ପଶ୍ଚିମ ଓଡ଼ିଶାକେ ଗୁରୁତ୍ୱ ଦିଆଯାଉଛେ ବଲି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ମନ୍ତ୍ରୀଙ୍କର୍ ସୂଚ୍‌ନା ଅନ୍‌ସାରେ ସମ୍ବଲ୍‌ପୁର୍, ବଲାଙ୍ଗିର୍, ବର୍‌ଗଡ଼୍ ଆର୍ ନୂଆପଡ଼ା ଜିଲ୍ଲା ନ ୪ ଟା ନୂଆଁ ଏୟାର୍‌ଷ୍ଟ୍ରିପ୍‌ର ଉନ୍ନତି କାମ୍ ଚାଲିଛେ । ସେନ୍ତା ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍, କଲାହାଣ୍ଡିର୍ ଉତ୍କେଲା ଆର୍ ରାଉର୍‌କେଲାର୍ ବିମାନ୍ ବନ୍ଦର୍‌ନୁ ଭୁବ୍‌ନେଶ୍ୱର୍‌କେ ସିଧାସଲଖ୍ ବିମାନ୍ ଚଲାଚଲ୍

ଜାରି ରହିଛେ । ଆଗ୍‌କେ ଇ ୪ ଟା ଏୟାର୍‌ଷ୍ଟ୍ରିପ୍ କାମ୍ କଲେ ପଶ୍ଚିମ ଓଡ଼ିଶା ନ ଆକାଶ୍‌ମାର୍ଗେ ଯା’ଆସ୍ ଆହୁରି ବ୍ୟାପକ୍ ହେବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ     ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ୨ ନମ୍ବର୍ ଦିନେ ଆଡ଼ାମାସ୍ ଏଫ୍‌ସି କୋଲ୍‌କାତା ଦଲ୍ ଶ୍ରୀନିଧି ଡିକେନ୍ ହାଇଦ୍ରାବାଦ୍ ଦଲ୍‌କେ ଭେଟ୍‌ବା ।

ଗଲାକାଏଲ୍ ଉଦ୍‌ଘାଟନୀ ମେଚ୍‌ଥି ସମଲେଶ୍ୱରୀ ସ୍ପୋଟିଂଙ୍ଗ ଜିତିଛେ । ସମଲେଶ୍ୱରୀ ସ୍ପୋଟିଂଙ୍ଗ ୩-ଶୂନ୍ ଗୋଲ୍‌ଥି ରାଂଚି ଦଲ୍‌କେ ହରେଇଛେ ।

ଓ୍ୱାଟ୍‌କୋକେ ସମ୍ମାନ     I&PR

ପାନିର୍ ମାନ ତଥ୍ୟ ଠୋଲ୍ ଆର୍ ତାର୍ ତଦାରଖ୍ କର୍‌ବାର୍ ଲାଗି ଓଡ଼ିଶା ସର୍‌କାର୍‌ଙ୍କର୍ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଅଧୀନ୍‌ଥି ଥିବା ଜଲ ନିଗମ୍- ଓ୍ୱାଟ୍‌କୋକେ ସମ୍ମାନ୍ ଜନକ୍ ‘ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର୍-୨୦୨୫’ ମିଳିଛେ । ଲୁକ୍‌କର୍

ସେବା ଦିଗେ ପ୍ରଯୁକ୍ତି ବିଦ୍ୟାର୍ ଭରପୁର୍ ଉପଯୋଗ୍ କର୍ବାର୍ ଲାଗି ଫେବୃଆରୀ ୨୧ ନୁ ୨୩ ତାରିଖ୍ ଭିତ୍ରେ ହାଇଦ୍ରାବାଦ୍ ଠାନେ ହେଇଥିବା ପ୍ରଯୁକ୍ତିବିଦ୍ୟା ସଭା କାର୍ଯ୍ୟକ୍ରମ୍ଥି ଓ୍ୱାଟ୍କୋକେଇ ପୁରସ୍କାର୍ ମିଲିଛେ ।ପ

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ୬ ଦିନ୍ତକ୍ ପାଗ୍ ଶୁଖା ରହେବା । ଆଏବା ୫ ଦିନ୍ ଭିତ୍ରେ ବର୍ଷାକେ ନେଇକରି କେନ୍ସି ସତର୍କ ସୂଚ୍ନା ନାଇଁନ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ । ଆଏବା ୩ ଦିନ୍ ଉତ୍ରୁ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର କହିଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ଆର୍ ପାର୍ଲାଖେମୁଣ୍ଡ ନ ୩୬ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।